# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**10 October – 2024**

---

# ଆକାଂକ୍ଷୀ ଜିଲ୍ଲା-ଭାରପ୍ରାପ୍ତ ସଚିବ

ରାଜ୍ୟର ୧୬ଟି ଆକାଂକ୍ଷୀ ଜିଲ୍ଲାରେ ସାମାଜିକ-ଅର୍ଥନୈତିକ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡ଼ିକର କାର୍ଯ୍ୟାନ୍ୱୟନ ନେଇ ସମୀକ୍ଷା କରିବା ଲକ୍ଷ୍ୟରେ ସରକାର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ଭାରପ୍ରାପ୍ତ ସଚିବ ଭାବେ ନିଯୁକ୍ତ କରିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଜଳସେଚନ ଭିତ୍ତିଭୂମି କ୍ଷେତ୍ର ପାଇଁ ଗ୍ରହଣ କରାଯାଇଥିବା କଲ୍ୟାଣକାରୀ ଯୋଜନା ଗୁଡ଼ିକର ସେମାନେ ସମୀକ୍ଷା କରିବେ । ରାଜ୍ୟଗୁଡ଼ିକରେ ବିଭିନ୍ନ କଲ୍ୟାଣକାରୀ ଯୋଜନା ଗୁଡ଼ିକର ସମୀକ୍ଷା କରାଯିବାକୁ ନୀତିଆୟୋଗଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ରାଜ୍ୟ ଗୁଡ଼ିକର ପ୍ରଦର୍ଶନ ଅଣଚାଶଟି ସୂଚକାଙ୍କ ମାଧ୍ୟମରେ ନିର୍ଦ୍ଧାରଣ କରାଯିବ ।

# ରତନ ଟାଟାଙ୍କ ପରଲୋକ

ପ୍ରଖ୍ୟାତ ଶିଳ୍ପପତି, ଟାଟା ଗ୍ରୁପ୍‌ର ପୂର୍ବତନ ଅଧ୍ୟକ୍ଷ ପଦ୍ମ ବିଭୁଷଣ ରତନ ନାଭାଲ ଟାଟାଙ୍କର ଗତକାଲି ପରଲୋକ ହୋଇଛି । ତାଙ୍କୁ ୮୬ ବର୍ଷ ହୋଇଥିଲା । ଗତ ସୋମବାର ଠାରୁ ସେ ମୁମ୍ବାଇର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ । ସ୍ୱାସ୍ଥ୍ୟାବସ୍ଥାରେ

ଅବନତି ଘଟିବା ସହ ଗତକାଲି ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ବ୍ୟବସାୟ କ୍ଷେତ୍ରରେ ଟାଟା ଗ୍ରୁପ୍‌କୁ ଶିଖରରେ ପହଞ୍ଚାଇବାରେ ରତନ ଟାଟା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ୧୯୬୧ରେ ଟାଟା ଗ୍ରୁପ୍‌ରେ ଯୋଗଦେଇଥିବା ରତନ ଟାଟା ୧୯୯୧ରେ ଗ୍ରୁପ୍‌ର ଅଧ୍ୟକ୍ଷ ଭାବେ ଦାୟିତ୍ୱଗ୍ରହଣ କରିଥିଲେ । ୨୦୦୦ ମସିହାରେ ପଦ୍ମଭୂଷଣ ଏବଂ ୨୦୦୮ରେ ପଦ୍ମବିଭୂଷଣ ସମ୍ମାନରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ପ୍ରମୁଖ ତାଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଭାରତୀୟ ଶିଳ୍ପଜଗତ ପାଇଁ ଏହା ଏକ ଅପୂରଣୀୟ କ୍ଷତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ରତନ ଟାଟାଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ, ନୈତିକତା, ଅଙ୍ଗୀକାରବଦ୍ଧତା, ଭବିଷ୍ୟତ ପୀଢ଼ିକୁ ପ୍ରେରଣା ଯୋଗାଇବ ।

## ଶିକ୍ଷକ ନିଯୁକ୍ତି ବିଜ୍ଞପ୍ତି

ରାଜ୍ୟର ମାଧ୍ୟମିକ ବିଦ୍ୟାଳୟ ଗୁଡ଼ିକରେ ୬ହଜାର ୨୫ଟି ଲିଭ୍ ଟ୍ରେନିଂ ଟିଚର - ଏଲ୍‌ଟିଆର୍ ଶିକ୍ଷକ ପଦବୀ ପୂରଣ ପାଇଁ  ଗତକାଲି ବିଜ୍ଞପ୍ତି ପ୍ରକାଶ ପାଇଛି । ସେଥିମଧ୍ୟରେ ୧ହଜାର ୯୮୪ଟି ଟିଜିଟି କଳାଶିକ୍ଷକ ପଦବୀ, ୧ହଜାର ୨୦ଟି ଟିଜିଟି ବିଜ୍ଞାନ ପିସିଏମ୍ ଏବଂ ୮୮୦ଟି

ସିବିଜେଡ୍ ଶିକ୍ଷକ ପଦବୀ ରହିଛି । ଏହାବ୍ୟତୀତ ୭୧୧ଟି ହିନ୍ଦୀ ଶିକ୍ଷକ, ୭୨୯ଟି ସଂସ୍କୃତ, ୬ଟି ତେଲୁଗୁ, ୧୪ଟି ଉର୍ଦ୍ଦୁ ଏବଂ ୬୮୧ଟି କ୍ରୀଡ଼ା ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ସମୁଦାୟ ପଦବୀ ଗୁଡ଼ିକ ମଧ୍ୟରୁ ୧ହଜାର ୯୮୮ଟି ମହିଳା ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏହି ପଦବୀ ଗୁଡ଼ିକରେ ନିଯୁକ୍ତି ପାଇଁ ଓଏସ୍ଏସ୍ସି ପରୀକ୍ଷା କରିବ ।

## ସ୍ନାତକୋତ୍ତର ଶିକ୍ଷକ ପଦବୀ ନିଯୁକ୍ତି

ରାଜ୍ୟର ୪୮୮ବର୍ଗର ବେସରକାରୀ ମହାବିଦ୍ୟାଳୟ ଗୁଡ଼ିକର ସ୍ନାତକୋତ୍ତର ଶିକ୍ଷକ ପଦବୀରେ ନିଯୁକ୍ତି ପରୀକ୍ଷା ଆସନ୍ତାମାସ ୧୭ ତାରିଖରେ ଅନୁଷ୍ଠିତ ହେବ । ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଭୁବନେଶ୍ୱର ସମେତ ବାଲେଶ୍ୱର, ବ୍ରହ୍ମପୁର, ଭବାନୀପାଟଣା, କଟକ, ଜୟପୁର, କେନ୍ଦୁଝର, ରାଉରକେଲା ଏବଂ ସମ୍ବଲପୁର ଆଦି ୯ଟି ଜୋନ୍‌ରେ ଏହି ପରୀକ୍ଷା ଅନୁଷ୍ଠିତ ହେବ ।

## ମହଙ୍ଗା ଭତ୍ତା ବୃଦ୍ଧି

ରାଜ୍ୟ ସରକାରୀ ଉଦ୍ୟୋଗରେ କାର୍ଯ୍ୟରତ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪ ପ୍ରତିଶତ ବୃଦ୍ଧି ପାଇଛି । ସାଧାରଣ ଉଦ୍ୟୋଗ ବିଭାଗ ପକ୍ଷରୁ ଗତକାଲି ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପିଛିଲାଭାବେ ଜାନୁଆରୀ ପହିଲାରୁ ଏହା ଲାଗୁ ହେବ । ଏହିବର୍ଗର କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪୬ ପ୍ରତିଶତରୁ ୫୦

ପ୍ରତିଶତକୁ ବୃଦ୍ଧି ପାଇଚି । ସାଧାରଣ ଉଦ୍ୟୋଗ ବିଭାଗ ପକ୍ଷରୁ ନିର୍ଦ୍ଧାରିତ ୯ଟି ସର୍ତ୍ତକୁ ପୂରଣ କରୁଥିବା ସରକାରୀ ଉଦ୍ୟୋଗ ଗୁଡ଼ିକ କର୍ମଚାରୀଙ୍କୁ ବର୍ଦ୍ଧିତ ଭତ୍ତା ନିଜସ୍ୱ ପାଣ୍ଠିରୁ ପ୍ରଦାନ କରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

## ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପରାମର୍ଶ

ଖାଉଟୀଙ୍କୁ ସଠିକ୍ ପରିମାଣ ଏବଂ ଗୁଣାତ୍ମକ ତୈଳ ଓ ଗ୍ୟାସ୍ ସାମଗ୍ରୀ ପ୍ରଦାନ ଉପରେ ବିତରକ ସଂସ୍ଥା ଦୃଷ୍ଟି ଦେବାକୁ ଖାଦ୍ୟଯୋଗାଣ ଓ ଖାଉଟୀକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପରାମର୍ଶ ଦେଇଛନ୍ତି । ଗ୍ୟାସ୍ ବୁକିଂର ୪୮ଘଣ୍ଟା ମଧ୍ୟରେ ଖାଉଟୀଙ୍କ ନିକଟରେ ଏହାକୁ ପହଞ୍ଚାଇବା ଉପରେ ମନ୍ତ୍ରୀ ଶ୍ରୀ ପାତ୍ର ଗୁରୁତ୍ୱପ୍ରଦାନ କରିଛନ୍ତି । ଭୁବନେଶ୍ୱରଠାରେ ଗତକାଲି ତୈଳ ଏବଂ ଗ୍ୟାସ୍ ବିତରକ ଓ ଏଥିସହ ସଂପୃକ୍ତ ଅନ୍ୟାନ୍ୟ ସଂସ୍ଥାର କର୍ମକର୍ତ୍ତାଙ୍କ ସହ ଆଲୋଚନା ବୈଠକରେ ମନ୍ତ୍ରୀ ଶ୍ରୀ ପାତ୍ର ଏହି ପରାମର୍ଶ ଦେଇଛନ୍ତି । ଗ୍ୟାସ୍ର କଳାବଜାରୀ ଏବଂ ତୈଳ ସାମଗ୍ରୀର ଅପମିଶ୍ରଣ ରୋକିବାକୁ ନିୟମିତ ଯାଞ୍ଚ ବ୍ୟବସ୍ଥା ଜାରି ରହିବା ଉପରେ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ସହିଦ ମାଧୋସିଂ ହାତଖର୍ଚ୍ଚ ଯୋଜନା

ସହିଦ ମାଧୋସିଂ ହାତଖର୍ଚ୍ଚ ଯୋଜନାର ମାର୍ଗଦର୍ଶିକା ଜାରି କରାଯାଇଛି । ଅନୁସୂଚିତ ଜନଜାତି ବର୍ଗ ସହ ଓଡ଼ିଶାର ସ୍ଥାୟୀ ବାସିନ୍ଦା ଛାତ୍ରଛାତ୍ରୀ ଏହି

ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ । ଅନ୍ୟ ଛାତ୍ରବୃତ୍ତି ମିଳୁଥିଲେ ମଧ୍ୟ ସହିଦ ମାଧୋସିଂ ହାତଖର୍ଚ୍ଚ ଯୋଜନାରେ ସେମାନେ ସାମିଲ ହୋଇପାରିବେ ବୋଲି ମାର୍ଗଦର୍ଶିକାରେ ସ୍ପଷ୍ଟ କରାଯାଇଛି । ରାଜ୍ୟ ଅନୁସୂଚିତ ଜନଜାତି କଲ୍ୟାଣ ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକା ଅନୁଯାୟୀ ଓଡ଼ିଶା ଷ୍ଟେଟ୍ ସ୍କଲାରସିପ୍ ପୋର୍ଟାଲ ମାଧ୍ୟମରେ ଏଥିପାଇଁ ଆବେଦନ କରାଯାଇପାରିବ । ସମ୍ପୂର୍ଣ୍ଣ ଯାଞ୍ଚ ପରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଯୋଜନା ଅଧୀନରେ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ଅର୍ଥ ପ୍ରଦାନ କରାଯିବ ।

## ଅତିରିକ୍ତ ଦାୟିତ୍ୱ

ରାଜ୍ୟ ଅର୍ଥବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କୁ ଇଡ୍‌କୋର ସିଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ଅର୍ପଣ କରାଯାଇଛି । ୧୯୯୬ ବ୍ୟାଚ୍‌ର ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀ ମିଶ୍ର ଏବେ ଓଏସ୍‌ଏସ୍‌ଏସ୍‌ସି ର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି ।

## ମହାସପ୍ତମୀ

ରାଜ୍ୟର ଦୁର୍ଗାପୂଜା ମଣ୍ଡପ ଗୁଡ଼ିକରେ ଆଜି ମହାସପ୍ତମୀ ପାଳନ କରାଯାଉଛି । ମଣ୍ଡପଗୁଡ଼ିକରେ ମୃଣ୍ମୟୀ ଦେବୀଙ୍କ ଷଷ୍ଠୀ ପୂଜା ବା ଚକ୍ଷୁଦାନ ଗତକାଲି କରାଯାଇଛି । ଶକ୍ତିପୀଠ ଗୁଡ଼ିକରେ ଆଜି ମହାଅଷ୍ଟମୀ ପୂଜା ଅନୁଷ୍ଠିତ ହେଉଛି । ମହାଅଷ୍ଟମୀ ଅବସରରେ ଆଜି ମା’ କଟକଚଣ୍ଡୀ ଶ୍ରଦ୍ଧାଳୁମାନଙ୍କୁ ମହାକାଳୀ ବେଶରେ ଦର୍ଶନ ଦେଉଛନ୍ତି ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

କର୍ମକ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟର ବାର୍ତ୍ତା ନେଇ ଆଜି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି । ଲୋକଙ୍କୁ ମାନସିକ ସ୍ୱାସ୍ଥ୍ୟପ୍ରତି ସଚେତନ କରାଇବା ତଥା ଏ ସମ୍ପର୍କରେ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସଂଘ ପକ୍ଷରୁ ୧୯୯୨ ମସିହାରୁ ଆଜିର ଦିନକୁ ଏହି ଦିବସ ଭାବେ ପାଳନ କରାଯାଉଛି । ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ଆଜି ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।